# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 06th May - 2026

******************************************

*BBSR/R*

## ମୁଖ୍ୟମନ୍ତ୍ରୀ - ଗୁଜରାଟ ଗସ୍ତ

ଦ୍ରୁତ ଅଭିବୃଦ୍ଧି ଓ ରଣନୈତିକ ଯୋଜନା ସହ ଓଡ଼ିଶା ବର୍ତ୍ତମାନ ଶିଳ୍ପ ଜଗତପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରୁଛି ବୋଲି ଗୁଜରାଟର ଅହମ୍ମଦାବାଦଠାରେ ଆୟୋଜିତ ଓଡ଼ିଶା ନିବେଶକ ସମ୍ମିଳନୀ ରୋଡ୍‌ଶୋ'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଶ୍ରୀ ମାଝୀ କହିଛନ୍ତି, ପୂର୍ବୋଦୟ ପରିକଳ୍ପନାରେ ଆଗାମୀ ଦିନରେ ଓଡ଼ିଶାକୁ ଦେଶର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ରସ୍ଥଳ ଭାବେ ଗଢ଼ି ତୋଳିବାପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ । ମୁଖ୍ୟମନ୍ତ୍ରୀ ଗୁଜରାଟ ଗସ୍ତର ପ୍ରଥମ ଦିନରେ ପ୍ରମୁଖ ଉଦ୍ୟୋଗପତି ଓ ବ୍ୟାବସାୟିକ ସଂଘଗୁଡ଼ିକ ସହ ଓଡ଼ିଶାରେ ପୁଞ୍ଜିନିବେଶପାଇଁ ଆଲୋଚନା କରିଥିଲେ । ଶ୍ରୀ ମାଝୀ ଆଜି ମଧ୍ୟ ବିଶିଷ୍ଟ ଶିଳ୍ପପତିମାନଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି ।

*Koraput/R*

# ମନ୍ତ୍ରୀ - କୋରାପୁଟ ଗସ୍ତ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଗତକାଲି କୋରାପୁଟ ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି । କୋରାପୁଟ ପୌର ପରିଷଦଦ୍ୱାରା କରାଯାଇଥିବା କଫି ସେଲ୍‌ଫି ପଏଣ୍ଟ, ଲବଣ ସତ୍ୟାଗ୍ରହ ସ୍ମାରକୀ ଏବଂ ରାଜୀବ ଗାନ୍ଧୀ ଶିଶୁ ଉଦ୍ୟାନର ଉନ୍ନତୀକରଣ ପ୍ରକଳ୍ପ ଏଥିରେ ସାମିଲ୍ ହୋଇଛି ।

*IPR*

# ବୟନିକା - ପ୍ରତିଷ୍ଠା ଦିବସ

ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଆମ ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ଅସ୍ମିତାର ଜୀବନ୍ତ ପ୍ରତିଛବି ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି । ଭୁବନେଶ୍ୱର ବୟନ ଭବନଠାରେ ବୟନିକାର ୭୦ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ମନ୍ତ୍ରୀ ବୁଣାକାରମାନଙ୍କୁ ଜୀବିକା ଯୋଗାଇଦେବା ସହ ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିବାକୁ ଆହ୍ୱାନ ଦେଇଛନ୍ତି ।

*Desk*

# ମୌସୁମୀ ଋତୁ - ନିର୍ଦ୍ଦେଶାବଳୀ

ଆଗାମୀ ମୌସୁମୀ ଋତୁରେ ସହରାଞ୍ଚଳର ସୁରକ୍ଷା ଓ ପ୍ରସ୍ତୁତିକୁ ସୁନିଶ୍ଚିତ କରିବାପାଇଁ ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ଏଥିରେ ସମସ୍ତ ଡ୍ରେନେଜ୍ ବ୍ୟବସ୍ଥା ଏବଂ ମ୍ୟାନ୍-ହୋଲ୍‌ଗୁଡ଼ିକର ଯାଞ୍ଚ୍ କରିବା ବାଧ୍ୟତାମୂଳକ ରହିଛି । ଏହାସହ ତଳିଆ ଅଞ୍ଚଳର ଜଳ ନିଷ୍କାସନ ବ୍ୟବସ୍ଥା, ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ସହିତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଅସ୍ଥାୟୀ ସହାୟତା କେନ୍ଦ୍ର ପ୍ରସ୍ତୁତ ରଖିବାକୁ କୁହାଯାଇଛି ।

*IPR*

# ଟ୍ରାଫିକ୍ ସମସ୍ୟା

ଭୁବନେଶ୍ୱର ଓ କଟକରେ ଟ୍ରାଫିକ୍ ସମସ୍ୟାର ସମାଧାନପାଇଁ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂହ ଦୀର୍ଘକାଳୀନ ଭିତ୍ତିରେ ସମସ୍ୟାର ସମାଧାନପାଇଁ ଏକ ଯୁଗ୍ମ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କମିଟି କ୍ଷେତ୍ର ପରିଦର୍ଶନ ସହ ବିଭିନ୍ନ ସମସ୍ୟାର ସମାଧାନପାଇଁ ପ୍ରସ୍ତାବ ଦେବ ବୋଲି ବୈଠକରୁ ଜଣାପଡ଼ିଛି ।

***Desk***

# ମାଟ୍ରିକ୍ ଖାତା ଯାଞ୍ଚ୍

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ବିଭିନ୍ନ ବିଷୟର ପୁନଃ ଖାତା ଯାଞ୍ଚ୍ ପାଇଁ ଆସନ୍ତା ୧୧ ତାରିଖରୁ ପ୍ରକ୍ରିୟା ଆରମ୍ଭ ହେବ । ଏ ସଂକ୍ରାନ୍ତରେ ବୋର୍ଡ଼ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସେହିଭଳି ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ଆସନ୍ତା ୮ ତାରିଖରୁ ଫର୍ମ ପୂରଣ ହେବ ବୋଲି ସୂଚନା ମିଳିଛି ।

***Puri/R***

# ଅଧ୍ୟାପକ ନିଯୁକ୍ତି

ପୁରୀ ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ, ସହକାରୀ ଅଧ୍ୟାପକ ଏବଂ ସହାୟକ ଅଧ୍ୟାପକ ନିଯୁକ୍ତିପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥିଲାଗି ଗତକାଲିଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ପୂର୍ବରୁ ଉତ୍କଳ, ଫକିରମୋହନ, ରମାଦେବୀ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ନିଯୁକ୍ତିପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା ।

*Desk*

# ଯୁବ ଖେଳାଳି

ସରକାର ଯୁବ ଖେଳାଳିମାନଙ୍କୁ ବିଭିନ୍ନ କ୍ରୀଡ଼ାରେ ଶ୍ରେଷ୍ଠ ପ୍ରଦର୍ଶନପାଇଁ ସମସ୍ତ ପ୍ରକାର ଅନୁକୂଳ ପରିବେଶ ଯୋଗାଇ ଦେବେ ବୋଲି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ଭୁବନେଶ୍ୱରସ୍ଥିତ ଓଡ଼ିଶା ବ୍ୟାଡ୍‌ମିଣ୍ଟନ ଏକାଡେମୀ ବୁଲି ଦେଖିବା ସହ ମନ୍ତ୍ରୀ ଶ୍ରୀ ସୂରଜ ସେଠାରେ ଥିବା ବ୍ୟବସ୍ଥାର ସମୀକ୍ଷା କରିଥିଲେ ।

*Ganjam/R*

# ଶୈକ୍ଷିକ କାର୍ଯ୍ୟକ୍ରମ

ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମହାବିଦ୍ୟାଳୟଗୁଡ଼ିକର ଛାତ୍ରଛାତ୍ରୀମାନଙ୍କୁ ନେଇ ଗ୍ରୀଷ୍ମକାଳୀନ ଶୈକ୍ଷିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଛାତ୍ରଛାତ୍ରୀମାନଙ୍କର ଶୈକ୍ଷିକ ଏବଂ ମାନସିକ ବିକାଶକୁ କାର୍ଯ୍ୟକ୍ରମରେ ଗୁରୁତ୍ୱ ଦିଆଯାଇଥିଲା ।

*Nabarangpur/R*

## ଅନ୍ତର୍ଜାତୀୟ ନର୍ସିଂ ସପ୍ତାହ

ଅନ୍ତର୍ଜାତୀୟ ନର୍ସିଂ ସପ୍ତାହ ଅବସରରେ ନବରଙ୍ଗପୁର ଜିଲ୍ଲାର ନର୍ସିଂ ମହାବିଦ୍ୟାଳୟ ପକ୍ଷରୁ ଶ୍ରୀରାମ ମନ୍ଦିର ଛକରୁ ପୁଲିସ୍ ପଡ଼ିଆ ପର୍ଯ୍ୟନ୍ତ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶୋଭାଯାତ୍ରାରେ ନର୍ସିଂ ମହାବିଦ୍ୟାଳୟର କର୍ତ୍ତୃପକ୍ଷ ଓ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ।

*Met. O.*

## ପାଣିପାଗ

ରାଜ୍ୟରେ କାଳବୈଶାଖୀ ଜନିତ ବର୍ଷାର ପ୍ରଭାବରେ ତାପମାତ୍ରା ହ୍ରାସ ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବର୍ଷା ହେବାନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ମାଲକାନଗିରିଠାରେ ଗତକାଲି ସର୍ବାଧିକ ତାପମାତ୍ରା ୩୯ ଦଶମିକ ୪ ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ଼ ହୋଇଥିଲା ।

*****